# ଓଡ଼ିଶା ସରକାର

## ଶିଳ୍ପ ବିଭାଗ

***

## ସଂକଳ୍ପ

ସଂଖ୍ୟା.IND-HI1-MISC-0002-2025-୫୯୩୪ /ଶି., ଭୁବନେଶ୍ୱର, ତାରିଖ ୨୫/୧/୨୦୨୬

**ବିଷୟ:** ଖୋର୍ଦ୍ଧା, ଓଡ଼ିଶାର କାଳିବେଟି ଶିଳ୍ପ ଅଞ୍ଚଳରେ ମହିଳା କାର୍ଯ୍ୟରତ ଶ୍ରମିକ ହଷ୍ଟେଲ ଉନ୍ନୟନ କାମ ପାଇଁ Turnkey ଟେଣ୍ଡର ।

ବ୍ୟାପକ ଓ ଆଞ୍ଚଳିକ ଭାବେ ସନ୍ତୁଳିତ ଶିଳ୍ପ ଉନ୍ନତିକୁ ତ୍ୱରାନ୍ୱିତ କରିବା, ବ୍ୟାପକ ନିଯୁକ୍ତି ସୃଷ୍ଟି କରିବା ଓ ଓଡ଼ିଶାକୁ ଏକ ପସନ୍ଦଯୋଗ୍ୟ ନିବେଶ ସ୍ଥଳରୂପେ ଗଢ଼ି ତୋଳିବା ପାଇଁ ରାଜ୍ୟ ସରକାର "Walk to Work" ସଂସ୍କୃତିକୁ ପ୍ରୋତ୍ସାହନ ଦେଇ ରାଜ୍ୟର ଶିଳ୍ପ ଅଞ୍ଚଳ ମାନଙ୍କ ନିକଟରେ କାର୍ଯ୍ୟରତ ଶ୍ରମିକଙ୍କ ପାଇଁ ହଷ୍ଟେଲ ବ୍ୟବସ୍ଥା କରିବାକୁ ସିଦ୍ଧାନ୍ତ ନେଇଛନ୍ତି ।

କାଳିବେଟି ଶିଳ୍ପ ଅଞ୍ଚଳରେ ମହିଳା କାର୍ଯ୍ୟରତ ଶ୍ରମିକ ହଷ୍ଟେଲ ଏକ ମୁଖ୍ୟ ଅବସ୍ଥାପନା ଅଂଶ ଭାବେ କୁଶଳୀ ଓ ସ୍ଥିର ଶ୍ରମଶକ୍ତିକୁ ସୁନିଶ୍ଚିତ କରୁଛି । ମହିଳା ଶ୍ରମିକମାନଙ୍କର ଆବାସ ଆବଶ୍ୟକତା ପୂରଣ କରି ଏହି ପ୍ରକଳ୍ପ ଓଡ଼ିଶାର କପଡ଼ା ଶିଳ୍ପର ବିକାଶ ଓ ପ୍ରତିସ୍ପର୍ଦ୍ଧତାକୁ ସୂଚିତ କରୁଛି ।

କାଳିବେଟି ମହିଳା କାର୍ଯ୍ୟରତ ଶ୍ରମିକ ହଷ୍ଟେଲ ୮.୫୮ ଏକର ଜମିରେ ମୋଟ ୪୦୦୦ ସଦସ୍ୟଙ୍କ ରହିବା ପାଇଁ ଦୁଇଟି ପୃଥକ ଭବନ ଅଂଶରେ ଉନ୍ନୟନ କରାଯିବ । ବର୍ତ୍ତମାନର ବିକାଶ ନିୟନ୍ତ୍ରଣ ନିୟମ ଏବଂ ଜମିର ଆକାରକୁ ଧ୍ୟାନରେ ରଖି Monolithic Concrete Construction Technology ଦ୍ୱାରା ବେସମେଣ୍ଟ + ଭୂମି + ୧୪ ତଳ ବିଶିଷ୍ଟ ଭବନ ନିର୍ମାଣ ପ୍ରସ୍ତାବ ରହିଛି, ଯାହାର ମୋଟ ନିର୍ମିତ କ୍ଷେତ୍ରଫଳ ୫୫,୯୮୮ ବର୍ଗ ମିଟର (ଏଥିରେ ୪,୫୬୬ ବର୍ଗ ମିଟର ବେସମେଣ୍ଟ ସମ୍ମିଳିତ) ହେବ ।

ଖୋର୍ଦ୍ଧା, ଓଡ଼ିଶାର କାଳିବେଟି ଶିଳ୍ପ ଅଞ୍ଚଳରେ ମହିଳା କାର୍ଯ୍ୟରତ ଶ୍ରମିକ ହଷ୍ଟେଲ ଉନ୍ନୟନ କାମ ପାଇଁ ଇଡ଼କୋ, ଭୁବନେଶ୍ୱରଙ୍କ ୦୨.୦୫.୨୦୨୫ ତାରିଖର ବିଜ୍ଞପ୍ତି ସଂଖ୍ୟା ୧୨୬୬୯ ମାଧ୍ୟମରେ Turnkey ଟେଣ୍ଡର ଆହ୍ୱାନ କରାଯାଇଥିଲା । M/s NJR Construction Pvt. Ltd. ସବୁଠାରୁ କମ୍ ଦରର (L1) ବିଡର ଭାବେ ଚୟନ ହୋଇଛନ୍ତି । ଏହାର ପ୍ରକଳ୍ପ ମୂଲ୍ୟ ଟ. ୧୭୮.୨୭ କୋଟି (ଦ୍ରବ୍ୟ ଓ ସେବା କର ବ୍ୟତୀତ) ଅଟେ ।

ରାଜ୍ୟ ସରକାର ଖୋର୍ଦ୍ଧା, ଓଡ଼ିଶାର କାଳିବେଟି ଶିଳ୍ପ ଅଞ୍ଚଳରେ ମହିଳା କାର୍ଯ୍ୟରତ ଶ୍ରମିକ ହଷ୍ଟେଲ ଉନ୍ନୟନ କାମ ପାଇଁ Turnkey ଟେଣ୍ଡରକୁ ଅନୁମୋଦନ କରିଛନ୍ତି। ଭାରତ ସରକାରଙ୍କ Special Assistance to States for Capital Investment (SASCI) ଯୋଜନା ଅଧୀନରେ ପ୍ରକଳ୍ପଟିର କାର୍ଯ୍ୟାନ୍ୱୟନ କରାଯିବ । ଏହି ଯୋଜନା ଅଧୀନରେ ପ୍ରକଳ୍ପର ଅନୁମୋଦିତ ମୂଲ୍ୟ ଟ. ୧୮୯.୦୦ କୋଟି ଅଟେ, ଯେଉଁଥିରୁ ଟ.୧୨୪.୭୪ କୋଟି ଧନ ରାଶି ଶିଳ୍ପ ବିଭାଗକୁ ମଞ୍ଜୁର କରାଯାଇଛି ।

ଏହି ପ୍ରକଳ୍ପର କାର୍ଯ୍ୟାନ୍ୱୟନ ପାଇଁ ମୋଟ ୨୪ ମାସ ସମୟ ଲାଗିବ, ଯେଉଁଥିରେ ୫ ବର୍ଷ (୬୦ ମାସ) ରକ୍ଷଣାବେକ୍ଷଣ ସମୟ ସମ୍ମିଳିତ ଅଛି । ଇଡ଼କୋର ବୋର୍ଡ ଅଫ୍ ଡାଇରେକ୍ଟର୍ସ କାଳିବେଟି ଶିଳ୍ପ ଅଞ୍ଚଳର ଭିନ୍ନ ଭିନ୍ନ ୟୁନିଟ୍‌ମାନଙ୍କୁ ଶଯ୍ୟା ଆଧାରରେ ସ୍ଥାନ ବଣ୍ଟନ ପାଇଁ ଏକ ବିସ୍ତୃତ ପ୍ରକ୍ରିୟା ତିଆରି କରିବେ, ଯାହା ସହିତ ଏକ ସ୍ଥାୟୀ ଓ ସୁସ୍ଥିର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ମଡେଲ୍ କୁ ପ୍ରତିସ୍ପର୍ଦ୍ଧୀ ମୂଲ୍ୟରେ ଲାଗୁ କରାଯିବ ।

ଆଦେଶ: ଏହି ସଂକଳ୍ପ କୁ ଓଡ଼ିଶା ଗେଜେଟ୍ ର ଏକ ଅସାଧାରଣ ପ୍ରସଂଗ ରେ ପ୍ରକାଶ କରାଯିବା ପାଇଁ ଏବଂ ଏହି ସଂକଳ୍ପ ର ନକଲକୁ ସମସ୍ତ ବିଭାଗ, ସମସ୍ତ ବିଭାଗୀୟ ମୁଖ୍ୟ ଏବଂ ମହାଲେଖାଗାର, ଓଡ଼ିଶାଙ୍କୁ ପ୍ରେରଣ କରାଯିବା ପାଇଁ ଆଦେଶ ଦିଆଗଲା।

**ରାଜ୍ୟପାଳଙ୍କ ଆଦେଶକ୍ରମେ**

25/1/26

(ହେମନ୍ତ ଶର୍ମା)

ଅତିରିକ୍ତ ମୁଖ୍ୟ ଶାସନ ସଚିବ

PTO..

ଜ୍ଞାପକ ସଂଖ୍ୟା ୪୯୩୪ /ଶି., ଭୁବନେଶ୍ୱର, ତାରିଖ ୨୪|୧|୨୦୨୫

ଏହାର ଏକକିତା ନକଲ ନିର୍ଦ୍ଦେଶକ, ପ୍ରିଣ୍ଟିଂ, ଷ୍ଟେସନେରୀ ଓ ପବ୍ଲିକେସନ୍, ଓଡ଼ିଶା, କଟକଙ୍କୁ ପ୍ରେରଣ କରାଗଲା ଏବଂ ଏହି ରିଜଲ୍ୟୁସନ୍ କୁ ଓଡ଼ିଶା ଗେଜେଟ୍ ର ଏକ୍ସଟ୍ରା-ଅର୍ଡିନାରି ଇସ୍ୟୁରେ ପ୍ରକାଶ କରିବା ସହିତ ଏହାର ୧୦୦ (ଏକ ଶହ) କିତା ନକଲ ଏହି ବିଭାଗକୁ ଯୋଗାଣ କରିବାକୁ ଅନୁରୋଧ କରାଗଲା ।

ସ୍ୱତନ୍ତ୍ର ଶାସନ ସଚିବ

ଜ୍ଞାପକ ସଂଖ୍ୟା ୪୯୩୫ /ଶି., ଭୁବନେଶ୍ୱର, ତାରିଖ ୨୪|୧|୨୦୨୫

ଏହାର ଏକକିତା ନକଲ ଓଡ଼ିଶା ଗେଜେଟ୍ ସେଲ୍ ଇନ୍-ଚାର୍ଜ, ଓଡ଼ିଶା ଗେଜେଟ୍ ସେଲ୍, ମାର୍ଫତ୍- ବାଣିଜ୍ୟ ଓ ପରିବହନ ବିଭାଗଙ୍କ ଅବଗତି ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ସ୍ୱତନ୍ତ୍ର ଶାସନ ସଚିବ

ଜ୍ଞାପକ ସଂଖ୍ୟା ୪୯୩୬ /ଶି., ଭୁବନେଶ୍ୱର, ତାରିଖ ୨୪|୧|୨୦୨୫

ଏହାର ଏକକିତା ନକଲ IMU ସେକ୍ସନ, ଶିକ୍ଷ ବିଭାଗକୁ ପ୍ରେରଣ କରାଗଲା ଏବଂ ସାଧାରଣ ସୂଚନା ନିମନ୍ତେ ଏହି ରିଜଲ୍ୟୁସନ୍ କୁ ଶିଳ୍ପ ବିଭାଗର ୱେବସାଇଟ୍ ରେ ଅପଲୋଡ କରିବା ପାଇଁ ଅନୁରୋଧ କରାଗଲା ।

ସ୍ୱତନ୍ତ୍ର ଶାସନ ସଚିବ

ଜ୍ଞାପକ ସଂଖ୍ୟା ୪୯୩୮ /ଶି., ଭୁବନେଶ୍ୱର, ତାରିଖ ୨୪|୧|୨୦୨୫

ଏହାର ଏକକିତା ନକଲ ଅଧ୍ୟକ୍ଷ, ଇପିକଲ, ଭୁବନେଶ୍ୱର/ ଅଧ୍ୟକ୍ଷ, ଇଡ଼କୋ, ଭୁବନେଶ୍ୱର/ ପ୍ରବନ୍ଧ ନିର୍ଦ୍ଦେଶକ, ଇଡ଼କୋ, ଭୁବନେଶ୍ୱର/ / ପ୍ରବନ୍ଧ ନିର୍ଦ୍ଦେଶକ, ଇପିକଲ, ଭୁବନେଶ୍ୱର/ ଶିଳ୍ପ ନିର୍ଦ୍ଦେଶକ, ଓଡ଼ିଶା, କଟକ/ ସମସ୍ତ ବିଭାଗ/ ସମସ୍ତ ବିଭାଗୀୟ ମୁଖ୍ୟ/ ସମସ୍ତ ରାଜସ୍ୱ ଆୟୁକ୍ତ/ ସମସ୍ତ ଜିଲ୍ଲାପାଳ/ ଗାର୍ଡ ଫାଇଲ୍ (୫ କିତା ନକଲ) ଙ୍କ ଅବଗତି ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣା କରାଗଲା ।

ସ୍ୱତନ୍ତ୍ର ଶାସନ ସଚିବ

ଜ୍ଞାପକ ସଂଖ୍ୟା ୪୯୩୯ /ଶି., ଭୁବନେଶ୍ୱର, ତାରିଖ ୨୪|୧|୨୦୨୫

ଏହାର ଏକକିତା ନକଲ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ/ ସମସ୍ତ ମାନ୍ୟବର ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ/ ମୁଖ୍ୟ ଶାସନ ସଚିବଙ୍କ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ/ ଉନ୍ନୟନ କମିଶନର ଓ ଅତିରିକ୍ତ ଶାସନ ସଚିବଙ୍କ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ/ ଅତିରିକ୍ତ ଶାସନ ସଚିବ, ଶିଳ୍ପ ବିଭାଗଙ୍କ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀଙ୍କୁ ଯଥାକ୍ରମେ ମାନ୍ୟବର ମୁଖ୍ୟମନ୍ତ୍ରୀ/ ସମସ୍ତ ମାନ୍ୟବର ମନ୍ତ୍ରୀ/ ମୁଖ୍ୟ ଶାସନ ସଚିବ/ ଉନ୍ନୟନ କମିଶନର ଓ ଅତିରିକ୍ତ ମୁଖ୍ୟ ଶାସନ ସଚିବ/ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶିଳ୍ପ ବିଭାଗଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସ୍ୱତନ୍ତ୍ର ଶାସନ ସଚିବ